## ଘରପୋଡ଼ି ଅଭିଯୋଗ, ଜଣେ ଗିରଫ

ଆସିକା,(ଡି.ଏନ୍.ଏ.)- ଗାଙ୍ଗପୁର ଥାନା ଅନ୍ତର୍ଗତ କଳାସୁତା ଗ୍ରାମର ଅନିଲ ପ୍ରଧାନଙ୍କ ଦୋକାନ ବୁଧବାର ରାତିରେ ଜଳିଯାଇଥିଲା । ଏହି ଘଟଣାରେ ପୋଲିସ ଗୁରୁବାର ସେହି ଗ୍ରାମର ସନ୍ୟାସୀ ପ୍ରଧାନଙ୍କୁ ଗିରଫ କରିଛି । ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସନ୍ୟାସୀ ତାଙ୍କ ଦୋକାନରେ ନିଆଁ ଲଗାଇ ଦେଇଥିବା ଅନିଲ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି ୩୪/୨୩ରେ ଏକ ମାମଲା ରୁଜୁ କରାଯାଇଥିଲା । ଗିରଫ ସନ୍ୟାସୀଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ କହିଛନ୍ତି ।



## ସଂକ୍ଷେପରେ

### ଜନରାଜ୍ୟ ଦିବସ ଉପଲକ୍ଷେ ପ୍ରତିଯୋଗିତା

ଛତ୍ରପୁର,୧୯।୧(ଡି.ଏନ୍.ଏ.)-ଗଞ୍ଜାମ ଜିଲାସ୍ତରୀୟ ଜନରାଜ୍ୟ ଦିବସ ପାଳନ ଉପଲକ୍ଷେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଓଡିଆ ବକ୍ତୃତା ପ୍ରତିଯୋଗିତା ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ପ୍ରାଥମିକ ବିଦ୍ୟାଳୟସ୍ତରରେ ଅହିଂସା ଓ ଭାରତୀୟ ଆଦର୍ଶ, ମଧ ଇରାଜୀ ବିଦ୍ୟାଳୟସ୍ତରରେ ବୈଶ୍ୱିକ ପ୍ରେକ୍ଷାପଟ୍ଟରେ ଭାରତୀୟ ଗଣତନ୍ତ୍ର, ଉଚ୍ଚ ବିଦ୍ୟାଳୟସ୍ତରରେ ବିଶ୍ୱାୟନରେ ଭାରତୀୟ ଗଣତନ୍ତ୍ରର ବିଶେଷତ୍ୱ ଏବଂ ମହାବିଦ୍ୟାଳୟ ସ୍ତରରେ ଭାରତୀୟ ଗଣତନ୍ତ୍ର ବିଶ୍ୱର ଆଦର୍ଶ ଶୀର୍ଷକ ଉପରେ ପ୍ରତିଯୋଗିତା କରାଯାଇଥିଲା । ବିଚାରକ ଭାବେ ଅଧାପକ ଡ. ହୃଷିକେଶ ପଣ୍ଡା, ଡ. ରାମକୃଷ୍ଣ ସାହୁ, ଶିକ୍ଷାବିତ୍ ପଦ୍ମିନୀ ମିଶ୍ର ଯୋଗ ଦେଇଥିଲେ। ଓଡିଆ ବକ୍ତୃତା ପ୍ରତିଯୋଗିତା ପ୍ରାଥମିକ ସ୍ତରରେ ଗାୟତ୍ରୀ ମହାରଣା ପ୍ରଥମ ସ୍ଥାନ, ସୋନମ ପ୍ରିୟା ପଣ୍ଡା ଦ୍ୱିତୀୟ ଓ ଅମ୍ରିତା ଭାରତୀ ବେହେରା ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ମଧ ଇରାଜୀ ବିଦ୍ୟାଳୟସ୍ତରରେ ଆଶିଷ କୁମାର ଶତପଥୀ ପ୍ରଥମ, ସ୍ୱୟଂଶ୍ରୀ ତ୍ରିପାଠୀ ଦ୍ୱିତୀୟ ସ୍ଥାନ ହାସଲ କରିଥିବା ବେଳେ ଅର୍ପିତା ମହାପାତ୍ର ତୃତୀୟ ସ୍ଥାନ ହାସଲ କରିଛନ୍ତି । ଉଚ୍ଚ ବିଦ୍ୟାଳୟସ୍ତରରେ ଲିପ୍ସାରାଣୀ ଗୌଡ ପ୍ରଥମ ସ୍ଥାନ, ସୌମିତ ମହାନ୍ତ ଦ୍ୱିତୀୟ ଓ ଶ୍ରୁତିରେଖା ସାହୁ ତୃତୀୟ ସ୍ଥାନ ହାସଲ କରିଛନ୍ତି । ସେହିପରି ମହାବିଦ୍ୟାଳୟ ସ୍ତରରେ ଆର୍.ଧବଳେଶର ରେଡ୍ଡୀ ପ୍ରଥମ, ମମତା ନାହକ ଦ୍ୱିତୀୟ ଏବଂ ଯୁଗ୍ମ ଭାବେ ଅନିଲ ପ୍ରଧାନ ଓ ସୁପ୍ରିତା ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରିଛନ୍ତି ।

### ରନ୍ଧାମଦ ଜବତ,୩ ଗିରଫ

ଆସିକା,୧୯।୧(ଡି.ଏନ୍.ଏ.)- ଗାଙ୍ଗପୁର ଥାନା ଅନ୍ତର୍ଗତ ମକରାପଲ୍ଲୀ ଗ୍ରାମରେ ଚାଲିଥିବା ଏକ ବେଆଇନ ମଦଭାଟି ଉପରେ ପୋଲିସ ଗୁରୁବାର ଚଢାଉ କରିଥିଲା। ସେଠାରୁ ୪ଶହ ଲିଟର ରନ୍ଧାମଦ ସହ ମଦ ରନ୍ଧାରେ ବ୍ୟବହୃତ ବହୁ ସରଞ୍ଜାମ ଜବତ କରାଯାଇଛି । ଏହି ଘଟଣାରେ ୩ଜଣଙ୍କୁ ଗିରଫ କରାଯାଇଛି । ସେମାନେ ହେଲେ ମକରାପଲ୍ଲୀ ଗ୍ରାମର ରଞ୍ଜନ ସ୍ୱାଇଁ, କୁଲାଙ୍ଗୀ ଗ୍ରାମର ଜଗବନ୍ଧୁ ନାଇକ ଓ ଝୁନୁ ନାଇକ । ଏ ନେଇ ଗାଙ୍ଗପୁର ଥାନାରେ ୩୫/୨୩ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ ସୂଚନା ଦେଇଛନ୍ତି।

### ପିପୁଲ୍ସ କଲେଜର ୩୮ତମ ବାର୍ଷିକ କ୍ରୀଡ଼ା

ବୁଗୁଡା,୧୯।୧(ଡି.ଏନ୍.ଏ.)-ସ୍ଥାନୀୟ ପିପୁଲ୍ସ କଲେଜର ୩୮ତମ ବାର୍ଷିକ କ୍ରୀଡ଼ା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ରଜନୀକାନ୍ତ ଦାଶ କ୍ରୀଡ଼ା ପତାକା ଉତ୍ତୋଳନ କରିବା ପରେ ପ୍ରତିଯୋଗୀଙ୍କ ଶପଥ ପାଠ କରାଯାଇଥିଲା। ଉକ୍ତ ବାର୍ଷିକ କ୍ରୀଡା ଅବସରରେ ଦୌଡ, ଲଙ୍ଗଜମ୍ପ୍, ହାଇଜମ୍ପ୍, ଟ୍ରିପଲ୍ ଜମ୍ପ୍, ସଟପୁଟ୍ ଥ୍ରୋ, ହାମାର ଥ୍ରୋ, ମ୍ୟୁଜିକ୍ ଚେୟାର, ଫ୍ୟାନ୍ସି ଡ୍ରେସ୍ ଆଦି ପ୍ରତିଯୋଗିତା ଆୟୋଜିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ଚୟନ କରାଯାଇଥିଲା। କ୍ରୀଡା ଶିକ୍ଷକ କ୍ରିଷ୍ଣା ରାଓ ପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ପ୍ରତିଯୋଗିତାକୁ କ୍ରୀଡ଼ା ଶିକ୍ଷକ ଶ୍ରୀନିବାସ ଦୋରା ଓ ବିଶ୍ୱେଶ୍ୱର ଗିରି ପରିଚାଳନା କରିଥିଲେ। ଜଗନ୍ନାଥ ମହାନ୍ତି ଓ ରବୀନ୍ଦ୍ର ବେହେରା ସହଯୋଗ କରିଥିଲେ। ଅଧାପକ ପ୍ରଭଞ୍ଜନ ମୁନି ଧନ୍ୟବାଦ ଅର୍ପଣ କରିଥିଲେ।

### ସିଡିଏମ୍‌ଓଙ୍କ ଅଫିସ ଗାଡ଼ି ଧକ୍କାରେ ୩ ଗୁରୁତର

ଫୁଲବାଣୀ ଅଫିସ, ୧୯।୧- ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଗୁରୁବାର ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଘଟିଛି । ଜିଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ (ସିଡିଏମଓ)ଙ୍କ କାର୍ଯ୍ୟାଳୟରେ ଲାଗିଥିବା ଏକ ବୋଲେରୋ ଧକ୍କାରେ ୩ ଜଣ ଗୁରୁତର ହୋଇଛନ୍ତି । ସମସ୍ତଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି । ଗାଡ଼ି ଧକ୍କାରେ ଏକ ସ୍କୁଟି ଏବଂ ମେଡିକାଲ ପରିସରରେ ଥିବା ରୋଷେଇ ଘର କାନ୍ଥ ଭାଙ୍ଗିରୁଜି ଯାଇଛି ।

ସୂଚନା ଅନୁସାରେ ବୋଲେରୋ ଚଳାଉଥିବା ଡ୍ରାଇଭର କୌଣସି କାମରେ ବାହାରକୁ ଗାଡି ନେଇ ଯାଇଥିଲେ । ଫେରିଲା ବେଳେ ଜଣେ ସାଙ୍ଗ ତାଙ୍କୁ ଗାଡି ଚଳାଇବାକୁ ମାଗିଥିଲେ । ଡ୍ରାଇଭର ବେପରୁଆ ଭାବେ ତାଙ୍କୁ ଗାଡି ଦେଇ ଆଗରେ ବସିଥିଲେ। ମୁଖ୍ୟରାସ୍ତାରୁ ଗାଡିକୁ ମେଡିକାଲ ଭିତରକୁ ନେଲା ବେଳେ ସମ୍ପୃକ୍ତ ଯୁବକ ଜଣକ ଭାରସାମ୍ୟ ହରାଇଥିଲେ । ଏହି ସମୟରେ ମେଡିକାଲକୁ ନିଜ ସମ୍ପର୍କୀୟଙ୍କୁ ଦେଖିବାକୁ ଆସିଥିବା କଳାହାଣ୍ଡି ଜିଲା ନର୍ଲାର ରଶ୍ମୀରଞ୍ଜନ ବ୍ରହ୍ମା ଓ ଗୀତାଞ୍ଜଳି ବ୍ରହ୍ମାଙ୍କୁ ଗାଡି ଧକ୍କା ଦେଇଥିଲା । ଏହାପରେ ଏକ ସ୍କୁଟିକୁ ପିଟି ରୋଷେଇ ଘର କାନ୍ଥରେ ପିଟି ହୋଇଥିଲା। ସେହିପରି ଆଗରେ ବସିଥିବା ଡ୍ରାଇଭରଙ୍କ ମଧ ମୁଣ୍ଡ ଫାଟିଯାଇଛି । ଗାଡ଼ି ଚଳାଉଥିବା ଯୁବକ ଜଣକ ଫେରାର ହୋଇଯାଇଛନ୍ତି ।

# ଘର, ଦୋକାନ ଭାଙ୍ଗିଲା ଏନ୍‌ଏସି, ଆଇନର ଆଶ୍ରୟ ନେଲେ ଅସହାୟ

- ଅଧିକାରୀଙ୍କ ବିରୋଧରେ ଥାନାରେ ଅଭିଯୋଗ
- ନ୍ୟାୟ ନମିଳିଲେ ଆତ୍ମାହୂତି ଦେବେ ପରିବାର ସଦସ୍ୟ

ପୁରୁଷୋତ୍ତମପୁର,୧୯।୧(ଡି.ଏନ.ଏ.)

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଏନ୍‌ଏସି ନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ମିଶ୍ରଙ୍କ ବିରୋଧରେ ସାଂଘାତିକ ଅଭିଯୋଗ ଆଣିଛନ୍ତି ସହରବାସୀ । ନିର୍ବାହୀ ଅଧିକାରୀ ଆକ୍ରୋଶମୂଳକ ମନୋଭାବ ରଖି ଏକ ନିରୀହ ଗରିବ ଶ୍ରେଣୀର ପରିବାର ଉପରେ ଦବଙ୍ଗଗିରି ଦେଖାଇଥିବା ଅଭିଯୋଗ କରିଛନ୍ତି। ନିର୍ବାହୀ ଅଧିକାରୀଙ୍କ ସମେତ ୩ ଜଣଙ୍କ ନାମରେ ପୋଲିସରେ ଅଭିଯୋଗ ହୋଇଛି। ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଇଆଇସି ପ୍ରିୟୁଷ ରଞ୍ଜନ ଛୋଟରାୟ କହିଛନ୍ତି।

ପୁରୁଷୋତ୍ତମପୁର ସହରରେ ପେଟ ପୋଷିବା ଲାଗି ରାସ୍ତାକଡ଼ରେ ଶତାଧିକ ସଂଖ୍ୟାରେ ଉଠା ଠେଲାଗାଡି ପସରା ଖୋଲି ବ୍ୟବସାୟ କରୁଛନ୍ତି। ସେମାନଙ୍କ ମଧ୍ୟରୁ ରାଧାକାନ୍ତ ସାହିର ପ୍ରଶନ୍ନ କୁମାର ଶତପଥୀ ରହିଛନ୍ତି। ନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ମିଶ୍ରଙ୍କ ସମେତ ସହ ସ୍ମୃତିରଞ୍ଜନ ଷଡଙ୍ଗୀ, ସୁରଜ ଦାଶ ତିନିଜଣ ପ୍ରଶନ୍ନଙ୍କ ଘର ନିକଟକୁ ଆସିଥିଲେ। ଘରେ ଉପସ୍ଥିତ ଥିବା ତାଙ୍କର ବୃଦ୍ଧା ପତ୍ନୀ ସୁପ୍ରଭା ଶତପଥୀଙ୍କୁ ଅସଦ ବ୍ୟବହାର ଦେଖାଇ ଜେସିବି ଲଗାଇ ପ୍ରଧାନମନ୍ତ୍ରୀ ଆବାସ ଘରକୁ ଭାଙ୍ଗି ଧୂଳିସାତ କରିଦେବା ସହ ବିଭିନ୍ନ ଧମକମାନ ଦେଇ ଘର କାନ୍ଥରେ ଏକ ନୋଟିସ ମାରିଥିଲେ। ସେଠାରୁ ଚାଲିଯାଇ କଲେଜ ଛକ ନିକଟରେ ତାଙ୍କ ସ୍ୱାମୀ କରିଥିବା ଉଠା ଠେଲାଗାଡ଼ି ପସରାକୁ ଜେସିବିରେ ଭାଙ୍ଗି ଚୁରମାର କରିଦେଇଥିଲେ। ସେଠାରୁ ଆସି ରାଧାକାନ୍ତସାହି ନିକଟରେ ତାଙ୍କ ପୁଅ ସନ୍ତୋଷ ବ୍ୟବସାୟ କରୁଥିବା ଠେଲା ଗାଡି ପସରାକୁ ମଧ ଭାଙ୍ଗି ଦେଇଥିଲେ। ମାତ୍ର ଅନ୍ୟମାନଙ୍କ ଦୋକାନ କ୍ଷତି କରିନଥିଲେ। ଏ ନେଇ ପ୍ରସନ୍ନଙ୍କ ପତ୍ନୀ ସୁପ୍ରଭା ପୁରୁଷୋତ୍ତମପୁର ଥାନାରେ ନିର୍ବାହୀ ଅଧିକାରୀଙ୍କ ସମେତ ସ୍ମୃତି ଓ ସୁରଜଙ୍କ ବିରୋଧରେ ଲିଖିତ ଅଭିଯୋଗ କରିବା ସହ ଆଇନଗତ ସହାୟତା ଲାଗି ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ଅଦାଲତର ତାଲୁକା ଆଇନସେବା କମିଟିର ଅଧକ୍ଷା ତଥା ବିଚାରପତି ପୂଜା ପ୍ରିୟଦର୍ଶନୀ ପତିଙ୍କ ନିକଟରେ କମିଟିର ନିଯୁକ୍ତିପ୍ରାପ୍ତ ରିଟନର ତଥା ଓକିଲ ଅକ୍ଷୟ କୁମାର ବେହେରାଙ୍କ ମାଧମରେ ହାଜର ହୋଇ ଲିଖିତ ଭାବେ ଜଣାଇ ଗୁହାରି କରିଛନ୍ତି। ସୁପ୍ରଭାଙ୍କ ଗୁହାରିକୁ ଅତି ଗୁରୁତର ସହ ବିଚାରପତି ନେଇଥିବା ଓ କମିଟି ପକ୍ଷରୁ ସମସ୍ତ ଆଇନଗତ ସେବା ମାଗଣାରେ ଯୋଗାଇବା ଦିଆଯିବାର ରିଟନର ଅକ୍ଷୟ କୁମାର ବେହେରା କହିଛନ୍ତି। ନିର୍ବାହୀ ଅଧିକାରୀଙ୍କ ଏଭଳି ଗୋଟିଏ ଗରିବ ପରିବାର ଉପରେ ଅକ୍ରୋଶମୂଳକ ଦବଙ୍ଗଗିରି ନେଇ ସହରରେ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ପ୍ରସନ୍ନଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବା ହେତୁ ତୁରନ୍ତ ଜିଲା ପ୍ରଶାସନ ପଦକ୍ଷେପ ନେଇ ସହାୟତା ଯୋଗାଇ ଦେବା ପାଇଁ ଜନସାଧାରଣ ଦାବି କରିବା ସହ ନିର୍ବାହୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ନ୍ୟାୟ ନ ମିଳିଲେ ଏନ୍‌ଏସି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ଆତ୍ମାହୂତି ଦେବେ ବୋଲି ପ୍ରସନ୍ନଙ୍କ ପରିବାର କହିଛନ୍ତି। ଏହାକୁ ନେଇ ନିର୍ବାହୀ ଅଧିକାରୀଙ୍କ ସହ ଯୋଗାଯୋଗ କରାଯିବାରେ ସେ କହିଛନ୍ତି, ଗାଳିଗୁଲଜ କରିବା ଘଟଣା ସମ୍ପୂର୍ଣ୍ଣ ମିଥ୍ୟା । ଏମାନଙ୍କୁ ନୋଟିସ ଦିଆଯାଇଥିଲା। ତେଣୁ ଏନଫୋର୍ସମେଣ୍ଟରେ ଭଙ୍ଗା ଯାଇଛି। ଅନ୍ୟଦୋକାନ ମଧ ଭଙ୍ଗାଯିବ। ତାଙ୍କ ପ୍ରତି ମୋର କୌଣସି ଅକ୍ରୋଷ ମନୋଭାବ ନ ଥିବା କହିଛନ୍ତି।



ଥାନାରେ ଅଭିଯୋଗ କରୁଛନ୍ତି ।

### ଟ୍ରେନ୍‌ରୁ ଯାତ୍ରୀଙ୍କ ମୃତଦେହ ଜବତ

ବ୍ରହ୍ମପୁର ଅଫିସ,୧୯।୧

ବ୍ରହ୍ମପୁର ରେଳବାଇ ପୋଲିସ ଜଣେ ଯାତ୍ରୀଙ୍କ ମୃତଦେହ ତିରୁଚିରାପଲି ଟ୍ରେନରୁ ଗୁରୁବାର ଜବତ କରିଛି। ସେ ହେଲେ ବାଲେଶ୍ୱର ଜିଲା ସୋର ଥାନା ଅନ୍ତର୍ଗତ କୁରୁଡ଼ା ଗ୍ରାମର ପ୍ରଭାତ ନାୟକ(୪୨)। ପୋଲିସ ଏ ସଂକ୍ରାନ୍ତରେ ୯/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ହୃଦ୍‌ଘାତରୁ ପ୍ରଭାତଙ୍କ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ପ୍ରଭାତ ନାୟକ ଓ ତାଙ୍କ ସମ୍ପର୍କୀୟ ପୁତୁରା ମହେନ୍ଦ୍ର କୁମାର ଦାସ କେରଳରେ ଏକ ଘରୋଇ ସଂସ୍ଥାରେ କାମ କରୁଥିଲେ। ମହେନ୍ଦ୍ରଙ୍କ ବାହାଘର ସ୍ଥିର ହୋଇଥିବା ବେଳେ ପ୍ରଭାତ ଓ ମହେନ୍ଦ୍ର ତାଙ୍କ ଗାଁକୁ ଫେରିବାକୁ ସ୍ଥିର କରିଥିଲେ। ସେମାନେ ତିରୁଚିରାପଲି ଏକ୍ସପ୍ରେସ୍ ଟ୍ରେନରେ ଭଦ୍ରକ ପାଇଁ ଟିକେଟ କରି ଆସିଥିଲେ। ଆନ୍ଧ୍ରପ୍ରଦେଶର ଇଚ୍ଛାପୁର ନିକଟରେ ପ୍ରଭାତ ଅସୁସ୍ଥ ଅନୁଭବ କରିଥିଲେ। ଏଣୁ ମହେନ୍ଦ୍ର ଉକ୍ତ ବଗିରେ ତାଙ୍କୁ ଶୋଇବାକୁ କହିଥିଲେ। ବ୍ରହ୍ମପୁରରେ ପହଞ୍ଚିବା ପରେ ମହେନ୍ଦ୍ର ତାଙ୍କ ଦାଦାଙ୍କ ସହ ଟ୍ରେନରୁ ଓହ୍ଲାଇବା ପାଇଁ ସ୍ଥିର କରିଥିଲେ। ପରେ ଏମ୍‌କେସିଜି ମେଡିକାଲ ଯାଇ ସେଠାରେ ଡାକ୍ତରଙ୍କ ସହ ପରାମର୍ଶ କରିବା ବୋଲି ମହେନ୍ଦ୍ର ଭାବିଥିଲେ। ହେଲେ ବ୍ରହ୍ମପୁରରେ ଉକ୍ତ ଟ୍ରେନ ରହିବା ପରେ ମହେନ୍ଦ୍ର ତାଙ୍କ ଦାଦା ପ୍ରଭାତଙ୍କୁ ଉଠାଇବା ବେଳେ ସେ ଅଚେତ ଅବସ୍ଥାରେ ପଡ଼ି ରହିଥିବା ଦେଖିବାକୁ ପାଇଥିଲେ। ପରେ ସେ ଏନେଇ ରେଳବାଇ ପୋଲିକୁ ଖବର କରିଥିଲେ। ପୋଲିସ ଓ ରେଳବାଇ ଡାକ୍ତର ସେଠାରେ ପହଞ୍ଚିଥିଲେ। ସେଠାରେ ଡାକ୍ତର ପ୍ରଭାତଙ୍କୁ ମୃତ ଘୋଷଣା କରିଥିଲେ।

# ନାଚଗୀତରେ ଦୁଲୁକିଲା ମଞ୍ଚ

ପାରଳାଖେମୁଣ୍ଡି,୧୯।୧(ଡି.ଏନ୍.ଏ.)

**ଗଜପତି ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା**




କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

ଗଜପତି ଜିଲାର କଳା, ସଂସ୍କୃତି, ଐତିହ୍ୟ ଓ ପରମ୍ପରାର ସମାରୋହ ଗଜପତି ଉତ୍ସବର ଗୁରୁବାର ଦ୍ୱିତୀୟ ସନ୍ଧ୍ୟାରେ ବିଭିନ୍ନ ନାଚଗୀତରେ ମଞ୍ଚ ଦୁଲୁକିଛି। ଦ୍ୱିତୀୟ ସନ୍ଧ୍ୟାରେ ୧୩ରୁ ଉର୍ଦ୍ଧ୍ୱ ନୃତ୍ୟ ତଥା ଗୀତ ପରିବେଷଣ ହୋଇଥିଲା। ଏଥିରେ ରାଜ୍ୟ, ରାଜ୍ୟ ବାହାର ଏବଂ ଜିଲାର କଳାକାରମାନେ ଅଂଶଗ୍ରହଣ କରିଥିଲେ। ଗୁଜୁରାଟର ଗୌରବ ଲୋକନୃତ୍ୟ, ହରିଆଣାର ଫଗ ଲୋକନୃତ୍ୟ, ପଶ୍ଚିମବଙ୍ଗର ଲୋକନୃତ୍ୟ, ମଧ୍ୟପ୍ରଦେଶର ନୋର୍ଡା ଲୋକନୃତ୍ୟ, ରାଜସ୍ଥାନର ତାଲ ବେଲିଆ ଲୋକନୃତ୍ୟ, ଆସାମର ଥାଳି ବିହୁ ଲୋକନୃତ୍ୟ, ପାରଳାଖେମୁଣ୍ଡିର ଜଗନ୍ନାଥ କଳାକେନ୍ଦ୍ର ତରଫରୁ ଓଡିଶୀ ନୃତ୍ୟ, ନୂଆଗଡ ବ୍ଲକର ଲୋକନୃତ୍ୟ, ଶ୍ରୀଜଗନ୍ନାଥ ନିକେତନ ଶିଶୁ ଯତ୍ନ ଅନୁଷ୍ଠାନର ଅନ୍ତେବାସୀ ତଥା ମାତୃପିତୃହୀନ ଶିଶୁମାନଙ୍କ ନୃତ୍ୟ, କାଶୀନଗର ଏନ୍‌ଏସିର ଭକ୍ତିମୂଳକ ନୃତ୍ୟ, ସମଲାଇ କଳା ପରିଷଦ ଏବଂ ନବୋଦୟ ବିଦ୍ୟାଳୟର ସମ୍ବଲପୁରୀ ନୃତ୍ୟ, ତେଲୁଗୁ ଗ୍ରୁପ ଡ୍ୟାନ୍ସ ସହ ପ୍ରସିଦ୍ଧ ଗୀତିକାର ତାରିକ ଅଜିଜ ଏବଂ ନବ୍ୟା ଜ୍ୟୋତିଙ୍କ ସୁମଧୁର ଗୀତ ହଜାର ହଜାର ଦର୍ଶକଙ୍କ ମନ ଜିଣିଥିଲା । ବିଶେଷ କରି ଗ୍ରୁପ ଡ୍ୟାନ୍ସ ତଥା ଲୋକନୃତ୍ୟଗୁଡିକ ବେଶ ଆକର୍ଷଣ ଓ ଶବ୍ଦଧ୍ୱନୀରେ ପ୍ରକମ୍ପିତ ହୋଇଥିଲା । ସେହିପରି ସଭା କାର୍ଯ୍ୟକ୍ରମରେ ଗଜପତି ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦର ଅଧକ୍ଷ ଲିଙ୍ଗରାଜ ପଣ୍ଡାଙ୍କ ସଭାପତିତ୍ୱରେ ଅନୁସୂଚୀତ ଜାତି, ଜନଜାତି, ସଂଖ୍ୟାଲଘୁ ପଛୁଆବର୍ଗ ବିକାଶ ଏବଂ ଆଇନମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ରାଜ୍ୟ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପଦେଷ୍ଟା ପ୍ରଦୀପ ମାଝୀ, ଆରକ୍ଷୀ ଅଧିକ୍ଷକ ସ୍ୱାତୀ ଏସ. କୁମାର, ଅତିରିକ୍ତ ଜିଲାପାଳ ସଂଗ୍ରାମ ଶେଖର ପଣ୍ଡା, ଗଜପତି ଜିଲାପରିଷଦ ଅଧକ୍ଷ ଜି.ତିରୁପତି ରାଓ, ଉପାଧକ୍ଷା କୁନ୍ତଳା ମଲ୍ଲିକ, ଗଜପତି ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପାଧକ୍ଷ ଧନେଶ୍ୱର ଭୂୟାଁ ପ୍ରମୁଖ ମଞ୍ଚାସୀନ ଥିଲେ।

# ପ୍ରମାଣ ଅଭାବରୁ ଅଭିଯୁକ୍ତ ନିର୍ଦ୍ଦୋଷ

**ବଳାତ୍କାର ମାମଲା**

ବ୍ରହ୍ମପୁର ଅଫିସ,୧୯।୧

ବ୍ରହ୍ମପୁର ସ୍ୱତନ୍ତ୍ର ଫାଷ୍ଟ ଟ୍ରାକ ପୋକ୍‌ସୋ ଜଜ୍ ଗୁରୁବାର ଏକ ବଳାତ୍କାର ମାମଲାର ଶୁଣାଣି କରିଥିଲେ। ଉପଯୁକ୍ତ ପ୍ରମାଣ ଅଭାବରୁ ସେ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ବୋଲି ରାୟ ପ୍ରକାଶ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ଶ୍ରୀଧର ସାହୁ(୨୧)। ଏନେଇ ମୁଦାଲାଙ୍କ ପକ୍ଷରୁ ମକଦ୍ଦମା ପରିଚାଳନା କରୁଥିବା ଓକିଲ ପ୍ରଦୀପ କୁମାର ବେହେରା ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଗତ ଫେବୃୟାରୀ ୧୩ରେ ଜଣେ ଯୁକ୍ତ ୨ ଛାତ୍ରୀଙ୍କୁ ଅପହରଣ କରାଯାଇଥିଲା। ଝିଅର ସନ୍ଧାନ ନ ପାଇ ତାଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୧୦୭/୨୨ନଂ.ରେ ମାମଲା ରୁଜୁକରି ଘଟଣାର ଅନୁସନ୍ଧାନ କରିଥିଲା। କିଛିଦିନ ପରେ ପୋଲିସ ଅପହୃତା ଛାତ୍ରୀଙ୍କୁ ଉଦ୍ଧାର କରିବା ସହ ତାଙ୍କର ବୟାନକୁ ରେକର୍ଡ କରିଥିଲା। ଅଭିଯୁକ୍ତଙ୍କୁ ଗିରଫ ପରେ ତାଙ୍କୁ ଅପହରଣ ଓ ବଳାତ୍କାର ମାମଲାରେ ପୋଲିସ କୋର୍ଟ ଚାଲାଣ କରିଥିଲା। ତଦନ୍ତକାରୀ ଅଧିକାରୀ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ଅଭିଯୁକ୍ତ ଜଣଙ୍କ କିଛିଦିନ ବ୍ରହ୍ମପୁର ମଣ୍ଡଳ କାରାଗାରରେ ରହିବା ପରେ ତାଙ୍କୁ ଜାମିନ ମିଳିଥିଲା। ଗୁରୁବାର ଉକ୍ତ ମାମଲାର ଶୁଣାଣି ବେଳେ ଅଭିଯୁକ୍ତ ଶ୍ରୀଧରଙ୍କୁ କୋର୍ଟରେ ହାଜର କରାଯାଇଥିଲା। ୩ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଉପଯୁକ୍ତ ପ୍ରମାଣ ମିଳିନଥିବାରୁ ଜଜ୍ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି।

# ରୁଦ୍ର ମହାଯଜ୍ଞ ଶୁଭଖୁଣ୍ଟି ସ୍ଥାପନ



ଶୁଭଖୁଣ୍ଟି ସ୍ଥାପନ କରାଯାଉଛି।

ଗୋପାଳପୁର,୧୯।୧(ଡି.ଏନ.ଏ.)

ଗଞ୍ଜାମ ଜିଲା ରଙ୍ଗେଇଲୁଣ୍ଡା ବ୍ଲକ ଅଧିନସ୍ଥ ଗୋଳାବନ୍ଧ ସ୍ଥିତ ଶ୍ରୀଶ୍ରୀ ଧବଳେଶ୍ୱର ମହାଦେବଙ୍କ ପୀଠରେ ମାର୍ଚ୍ଚ ୧୫ ରୁ ୨୨ ପର୍ଯ୍ୟନ୍ତ ହେବାକୁ ଥିବା ୫ ଦିନିଆ ବିଶ୍ୱଶାନ୍ତି ନବକୁଣ୍ଡିୟ ରୁଦ୍ର ମହାଯଜ୍ଞ ପାଇଁ ଗୁରୁବାର ଶୁଭଖୁଣ୍ଟି ସ୍ଥାପନ ହୋଇଛି। ମୁଖ୍ୟ ପଣ୍ଡିତ ଲୋକନାଥପୁର ଶାସନ ଚିକିଟିର ଅଶୋକ କୁମାର ପାଢ଼ୀଙ୍କ ପୌରହିତ୍ୟରେ ଶୁଭଖୁଣ୍ଟି ସ୍ଥାପନ ହୋଇଥିଲା। କାର୍ଯ୍ୟକ୍ରମରେ ପଣ୍ଡିତ ଅକ୍ଷୟ କୁମାର ପାଢ଼ୀ, ପଣ୍ଡିତ ପିତାମ୍ବର ପାଢ଼ୀ, ପଣ୍ଡିତ ରାମଚନ୍ଦ୍ର ପାଳ, ପଣ୍ଡିତ ନିରଞ୍ଜନ ପାଢ଼ୀ, ପଣ୍ଡିତ ଭାଗବତ ପାଢ଼ୀ, ପଣ୍ଡିତ ରାମଚନ୍ଦ୍ର ପଣ୍ଡା, ପଣ୍ଡିତ ଲକ୍ଷ୍ମୀକାନ୍ତ ପାଢ଼ୀ, ଜଗନ୍ନାଥ ପାଢ଼ୀ, ସଞ୍ଜୟ ପାଢ଼ୀ ପ୍ରମୁଖ ଉପସ୍ଥିତ ରହି ପୂଜାର୍ଚ୍ଚନାର ଦାୟିତ୍ୱ ତୁଲାଇ ଥିଲେ। କମିଟିର ସଭାପତି ଲୋକନାଥ ସାହୁ, ଉପସଭାପତି ଟି.ରାମଚନ୍ଦ୍ର ରାଓ, ସମ୍ପାଦକ ବି.ଲକ୍ଷ୍ମୀ ନାରାୟଣ, କୋଷାଧକ୍ଷ ଏ.ପୁରୁଷୋତ୍ତମ, ମନ୍ଦିର ସେବାୟତ ସିମାଞ୍ଚଳ ରଣା, ପାଣ୍ଡବ ରଣା, ସମୀର ରଣା, ବିଟୁ ରଣା, ନୟନ ରଣା, ଶଙ୍କର ରଣା, ତ୍ରିଡଣ୍ଡୀ ସ୍ୱାମୀ ଭକ୍ତି କୁଙ୍କୁମ ଆଶ୍ରମ ମହାରାଜଙ୍କ ସମେତ ଆଖପାଖ ଅଞ୍ଚଳରୁ ବହୁ ସଂଖ୍ୟକ ଭକ୍ତ ଉପସ୍ଥିତ ଥିଲେ।

# ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

ପାରଳାଖେମୁଣ୍ଡି, ୧୯।୧(ଡି.ଏନ.ଏ.)

ପାରଳାଖେମୁଣ୍ଡି ସହରରେ ପୁଣି ଏକ ବଡ ଧରଣର ଚୋରି ହୋଇଛି। ଡଙ୍କ ସାହିର ଜଣେ ବ୍ୟବସାୟୀଙ୍କ ଘର ଝରକା ଖୋଲି ଆଲମିରା ତାଡ଼ି ଦୁର୍ବୃତ୍ତ ପ୍ରାୟ ୧୦କିଲୋ ରୁପା, ୫ ତୋଳା ସୁନା ଓ ୨ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଚୋରାଇ ନେଇଛନ୍ତି। ବ୍ୟବସାୟୀ ଭାସ୍କର ରାଓ ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରୁଛି। ଗୁରୁବାର ଭାସ୍କରଙ୍କ ଘର ଲୋକେ ପୋଙ୍ଗଲ ଉତ୍ସବ ପାଳନ କରିବାକୁ ଜଣେ ବନ୍ଧୁଙ୍କ ଘରକୁ ଅନ୍ୟତ୍ର ଚାଲିଯାଇଥିବା ବେଳେ ଏହାର ସୁଯୋଗ ନେଇ ଦୁର୍ବୃତ୍ତ ଘରେ କଳାକନା ବୁଲାଇଥିଲେ। ସୂଚନାଯୋଗ୍ୟ, ଏହା ପୂର୍ବରୁ ଗତ୧୧ତାରିଖରେ ରାଣୀ ପଦ୍ମାବତୀ ସାହି ଠାରେ ଏପରି ଏକ ବଡ ଚୋରି ହୋଇଥିଲେ ମଧ ପୋଲିସକୁ ଏ ପର୍ଯ୍ୟନ୍ତ କୌଣସି ସୁରାକ ମିଳିପାରିନାହିଁ।

### କରଣ୍ଡାଗଡ଼ ବିଦ୍ୟାଳୟରେ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

ଫୁଲବାଣୀ ଅଫିସ/ଫିରିଙ୍ଗିଆ, ୧୯।୧

ଫିରିଙ୍ଗିଆ ବ୍ଲକ କରଣ୍ଡାଗଡ଼ ଉଚ୍ଚ ବିଦ୍ୟାଳୟର ପ୍ରଥମ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । ଦୁଇ ଦିନ ଧରି ଚାଲିଥିବା ଏହି ଉତ୍ସବର ପ୍ରଥମ ଦିନ ମଶାଲ ଶୋଭାଯାତ୍ରା କାମନା ମନ୍ଦିରରୁ ବାହାରି ଗାଁ ବୁଲିଥିଲା । ଦ୍ୱିତୀୟ ଦିନ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଦୌଡ଼, ଲମ୍ବ ଡିଆଁ, ପୁଚି, ଖୋକୋ ସହ ଅନ୍ୟାନ୍ୟ କ୍ରୀଡ଼ା ପ୍ରତିଯୋଗିତା ହୋଇଥିଲା। ଉଦ୍‌ଯାପନୀରେ ମୁଖ୍ୟଅତିଥି ଭାବେ ତଳ ଦର୍ଣ୍ଣିକିଆ ସରପଞ୍ଚ ଶଙ୍କର କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ସିଆର୍‌ସିସି ଶୁଶାନ୍ତ କୁମାର ଦିଗାଲ୍, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗୋବର୍ଦ୍ଧନ ସାହୁ, ପ୍ରଧାନଶିକ୍ଷକ ସୀମାଞ୍ଚଳ ମୁଖି ପ୍ରମୁଖ ଯୋଗ ଦେଇଥିଲେ । ଶିକ୍ଷକ କଲେଶ୍ୱର୍ କହଁର ଓ ଯତୀନ୍ଦ୍ର କୁମାର ପରିଡ଼ା ଖେଳ ପରିଚାଳନା କରିଥିଲେ ।

# ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ




ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ ।

ବ୍ରହ୍ମପୁର ଅଫିସ,୧୯।୧

ବ୍ରହ୍ମପୁର ସହର ଉପକଣ୍ଠସ୍ଥ ଗିରିସୋଲାସ୍ଥିତ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରୁବାର ୭ ଦିନିଆ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ବିଶ୍ୱମନୁ ନାୟକ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଗୋଲନ୍ଥରା ଥାନା ଅଧିକାରୀ ବିବେକାନନ୍ଦ ମହାନ୍ତ ଓ ମୁଖ୍ୟବକ୍ତା ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ନିର୍ଦ୍ଦେଶକ ସୁଶାନ୍ତ କୁମାର ଦାସ ଯୋଗଦେଇଥିଲେ। ତାଲିମ ଶିବରରେ ଯୋଗଦେଇ ଅତିଥିମାନେ ସାମ୍ପ୍ରତିକ ପରିସ୍ଥିତିରେ ଛାତ୍ରୀଙ୍କ ଆତ୍ମସୁରକ୍ଷା ତାଲିମ ଗ୍ରହଣ ଆବଶ୍ୟକତା, ଆତ୍ମସୁରକ୍ଷା ତାଲିମ ଗ୍ରହଣ ପରେ ବୌଦ୍ଧିକ ଓ ମାନସିକ ସ୍ତରରେ ଅଭିବୃଦ୍ଧି ସମ୍ପର୍କରେ କହିଥିଲେ। ଏହି ତାଲିମ ଗ୍ରହଣ ପରେ ଛାତ୍ରୀମାନେ ପ୍ରତିକୂଳ ପରିସ୍ଥିତିରେ ମୁକାବିଲା କରିବା ନିମନ୍ତେ ସେମାନଙ୍କ ମଧ୍ୟରେ ବୃଦ୍ଧି ପାଉଥିବା ଆତ୍ମବିଶ୍ୱାସ ସମ୍ପର୍କରେ ନିଜ ନିଜର ମତାମତ ଦେଇଥିଲେ। ଏହି ୭ ଦିନିଆ ତାଲିମ ଶିବିରକୁ କାର୍ଯ୍ୟକ୍ରମ ଅଧିକାରୀ ସୁଚିତ୍ରା କୁମାରୀ ସାହୁ ପରିଚାଳନା କରିଥିଲେ। ପ୍ରଶିକ୍ଷିକା ରୋହିଣୀ ଖଣ୍ଡୁଆଳ ଛାତ୍ରୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାନୁଷ୍ଠାନର ବହୁ ଶିକ୍ଷକ କର୍ମଚାରୀ ଉପସ୍ଥିତ ରହିଥିଲେ।

# କେଏସ୍‌ୟୁବି କଲେଜର ୬ କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧନା

ଭଞ୍ଜନଗର,୧୯।୧(ଡି.ଏନ.ଏ)

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ(କେଏସ୍‌ୟୁବି) ମହାବିଦ୍ୟାଳୟର ୬ଜଣ କ୍ରୀଡ଼ାବିତଙ୍କୁ ଗୁରୁବାର ସମ୍ବର୍ଦ୍ଧିତ କରାଯାଇଛି । ସେମାନେ ହେଲେ ଫୁଟବଲ ଖେଳାଳି ଗଣପତି ନାୟକ, ଭଲିବଲ ଖେଳାଳି ଲେବିୟା ପ୍ରଧାନ, କବାଡ଼ିରେ ବନମାଳି ନାୟକ, ହକିରେ ଚିନ୍ମୟ ପରିଡ଼ା, ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ତନ୍ମୟ ସାହୁ ଏବଂ ସୁମନ ବେହେରା । ଏହି ଛାତ୍ରମାନେ ଚଳିତବର୍ଷ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଭିନ୍ନ ସ୍ଥାନରେ ହୋଇଥିବା ପ୍ରତିଯୋଗିତାରେ ଭାଗନେଇ କଲେଜ ପାଇଁ ସୁନାମ ଆଣିଛନ୍ତି। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅଧକ୍ଷ ରାଜେନ୍ଦ୍ର ଦାସ ଅଧକ୍ଷତା କରିଥିଲେ। ପ୍ରଶାସନିକ ଅଧିକାରୀ ପ୍ରାଧାପକ ସାତ୍ୟକୀ ସାହୁ, ବରିଷ୍ଠ ପ୍ରାଧାପିକା ଆରତୀ ବାଳା ପ୍ରଧାନ, ପ୍ରାଧାପକ ବିଭାସ ଦାସ, କ୍ରୀଡ଼ା ସଂସଦ ଉପ ସଭାପତି ଆମାଶ ପାଟ୍ଟମାଝୀ, ଭାରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ପି.ରମେଶ ପ୍ରମୁଖ ଉପସ୍ଥିତ ରହି ଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।



କ୍ରୀଡ଼ାମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

